# ପାରିପାର୍ଶ୍ୱିକ ଉନ୍ନୟନ ଯୋଜନା ସ୍ଥାଣୁ ଅଭିଯୋଗ

■ସମସ୍ୟା ସମାଧାନ ଦିଗରେ ଦିଆଯାଉନି ଗୁରୁତ୍ୱ
■ଅସନ୍ତୋଷ ପ୍ରକାଶ କଲେଣି ଜନପ୍ରତିନିଧି
■ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ମିଳୁନାହିଁ

ବଅଁରପାଳ,୧୪ା୧ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଞ୍ଚଳରେ ଥିବା ନାଲ୍‌କୋ କାରଖାନାର ଚତୁଃପାର୍ଶ୍ୱ ଗ୍ରାମଗୁଡ଼ିକର ଲୋକମାନେ ନାନା ଅସୁବିଧା, ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ନାଲ୍‌କୋ କର୍ତ୍ତୃପକ୍ଷ ତାହାର ସମାଧାନ ଦିଗରେ ଶତପ୍ରତିଶତ ଉଦ୍ୟମ କରୁ ନ ଥିବା ଅଭିଯୋଗ ହେଉଛି। ନାଲ୍‌କୋ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ କୁଲାଡ଼, କାଣ୍ଡସର, ଗିରାଙ୍ଗ, ବନ୍ଧା ଓ ଗୋତମରା ପଞ୍ଚାୟତର ଅନେକ ଲୋକ ଏ ନେଇ ମୁହଁ ଖୋଲିଥିବା ବେଳେ ପଞ୍ଚାୟତର ଜନପ୍ରତିନିଧିମାନେ ଅସନ୍ତୋଷ ଜାହିର କରୁଛନ୍ତି। ନାଲ୍‌କୋ ପକ୍ଷରୁ କରାଯାଇଥିବା ପାରିପାର୍ଶ୍ୱିକ ଉନ୍ନୟନ ଯୋଜନା ଏକପ୍ରକାର ସ୍ଥାଣୁ ପାଲଟି ଯାଇଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି।

କାଣ୍ଡସର ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ବନ୍ଧା ସରପଞ୍ଚ ନକୁଳ ସାହୁ, ଗିରାଙ୍ଗ ସରପଞ୍ଚ ଛବିରାଣୀ ଦେହୁରୀ, କୁଲାଡ଼ ସରପଞ୍ଚ ଉଷାରାଣୀ ସ୍ୱାଇଁ ଓ ଗୋତମରା ସରପଞ୍ଚ କହିଛନ୍ତି, ପାରିପାର୍ଶ୍ୱିକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ସ୍କୁଲ, ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ ସମସ୍ୟା, ଡ୍ରେନ୍, ବିଦ୍ୟୁତ୍, ଖେଳପଡ଼ିଆ, ବେକାରୀ ସମସ୍ୟା ଦୂର କରାଯାଉ ନ ଥିବାବେଳେ ପୁରୁଣା ଉନ୍ନୟନ କାର୍ଯ୍ୟଗୁଡ଼ିକର ରକ୍ଷଣାବେକ୍ଷଣ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ପରିବେଶ ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଓ ପରିମଳ ପ୍ରତି ନାଲ୍‌କୋ କର୍ତ୍ତୃପକ୍ଷ ଆବଶ୍ୟକ ଗୁରୁତ୍ୱ ଦେଉନାହାନ୍ତି। ନାଲ୍‌କୋ ପ୍ରତିଷ୍ଠା ପରେ ପାରିପାର୍ଶ୍ୱିକ ଅଞ୍ଚଳରେ ଅଳ୍ପ କିଛି ଉନ୍ନୟନ କାର୍ଯ୍ୟ କରି କର୍ତ୍ତୃପକ୍ଷ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ପ୍ରଶଂସା ସାଉଣ୍ଟିଥିଲେ ହେଁ ଏବେ ଉନ୍ନୟନ କାର୍ଯ୍ୟ ପୂର୍ବପରି ହେଉନାହିଁ। ଶିଳ୍ପ ଆବର୍ଜନା, ଲଟାବୁଦା ଓ କାରଖାନା ଭିତରୁ ବାହାରକୁ ଆସୁଥିବା ଆବର୍ଜନା ଯୋଗୁ ପାରିପାର୍ଶ୍ୱିକ ଅଞ୍ଚଳରେ ମଶା ବଂଶ ବଢ଼ୁଛି। ଫଳରେ ବହୁ ଲୋକ ମ୍ୟାଲେରିଆ ଓ ଡେଙ୍ଗୁ ରୋଗରେ ପଡ଼ୁଛନ୍ତି। ପାରିପାର୍ଶ୍ୱିକ ପ୍ରଜାଙ୍କ ପାଇଁ ନାଲ୍‌କୋ ପକ୍ଷରୁ କରାଯାଇଥିବା ଓପିଡି କେନ୍ଦ୍ରରେ କେବଳ ଥଣ୍ଡା, କାଶ ଓ ଜ୍ୱରର ଚିକିତ୍ସା କରାଯାଉଥିବା ବେଳେ ମ୍ୟାଲେରିଆ, ଡେଙ୍ଗୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ପୂର୍ବରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମଗୁଡ଼ିକରେ ମଶା ବଂଶ ବୃଦ୍ଧି ରୋକିବା ପାଇଁ ନାଲ୍‌କୋ ତରଫରୁ ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକାଯିବା ସହ ମଶାଧୂଆଁ ଦିଆଯାଉଥିଲା। ହେଲେ ଏବେ ସେସବୁ କାର୍ଯ୍ୟ କରାଯାଉ ନାହିଁ। ଅଭିଯୋଗ ସମ୍ପର୍କରେ ନାଲ୍‌କୋ ଲୋକସମ୍ପର୍କ ବିଭାଗ ଅଧିକାରୀ ଶୀତଳ ସମୀର ମାଝୀ କହିଛନ୍ତି, ଉକ୍ତ କାର୍ଯ୍ୟ ତାଙ୍କ ଅଧୀନରେ ଆସୁନାହିଁ। କର୍ପୋରେଟ କମ୍ୟୁନିକେଶନ ସହ ଯୋଗାଯୋଗ କଲେ ତାହା ଜଣାପଡ଼ିବ। ସରପଞ୍ଚମାନେ କହିଛନ୍ତି, ଗ୍ରାମଗୁଡ଼ିକର ସମସ୍ୟା ନେଇ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ବାରମ୍ବାର କରାଯାଇଛି। କିନ୍ତୁ ସେପରି କିଛି ସୁଫଳ ମିଳିନାହିଁ। ତୁରନ୍ତ ଏ ଦିଗରେ ନାଲ୍‌କୋ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସରପଞ୍ଚମାନେ ଦାବି କରିଛନ୍ତି।

# ଥଣ୍ଡା ପାନୀୟଜଳ ପ୍ରକଳ୍ପ ଅଚଳ

■ହେଉନି ଆବଶ୍ୟକ ରକ୍ଷଣାବେକ୍ଷଣ
■ତୀବ୍ର ହେଉଛି ଜନ ଅସନ୍ତୋଷ
■ସହକାରୀ ଯନ୍ତ୍ରୀ କହିଲେ ଅର୍ଥ ଅଭାବ

ବନ୍ତଳା,୧୪ା୧ (ସୁଶିତ ସାହୁ)

ଥଣ୍ଡା ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜନଗହଳିପୂର୍ଣ୍ଣ ବିଭିନ୍ନ ଛକରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ହେଲେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ଅବହେଳାରୁ ଉକ୍ତ ପ୍ରକଳ୍ପଗୁଡ଼ିକ ଅଚଳ ସହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଅନୁଗୋଳ ବ୍ଲକ ଶଙ୍ଖପୁର ଛକ ଓ ବର୍ତ୍ତମାନର ଜନଗହଳିପୂର୍ଣ୍ଣ ମଦନ ମୋହନ ଛକ (ପୂର୍ବରୁ ବନ୍ତଳା ଛକ) ଠାରେ ଜିଲା ଖଣିଜ ପାଣ୍ଠି ସହାୟତାରେ ସୌରଚାଳିତ ଥଣ୍ଡାପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା ବେଳେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଚଳ ହୋଇଯାଇଛି। ବିଭାଗ ପକ୍ଷରୁ ଏ ନେଇ ପଦକ୍ଷେପ ନିଆଯାଉ ନ ଥିବାରୁ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ପ୍ରକାଶ ଯେ, ଅନୁଗୋଳ ବ୍ଲକ ଶଙ୍ଖପୁର ଓ ମଦନ ମୋହନ ଛକରେ ସୌରଚାଳିତ ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ପରେ ଏହାକୁ ନେଇ ସ୍ଥାନୀୟ ଲୋକେ ଖୁସି ପ୍ରକଟ କରିଥିଲେ। ବହୁ ଜନସାଧାରଣ ଏହାର ଭରପୂର ସୁଯୋଗ ନେଉଥିଲେ। ହେଲେ ପ୍ରାୟ ବର୍ଷେ ହେବ ଉପଯୁକ୍ତ ରକ୍ଷଣାବେକ୍ଷଣ କରା ନ ଯିବାରୁ ଏହି ୨ ପ୍ରକଳ୍ପ ଅଚଳ ହୋଇଯାଇଛି। ପ୍ରତି ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟ ସରକାର ପଞ୍ଚଦଶ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନରୁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଯୋଗାଇ ଦେଇଥିବା ବେଳେ ଏଥିରୁ ପ୍ରାୟ ୫୦ ପ୍ରତିଶତ ପରିମଳ, ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ବିନିଯୋଗ କରାଯିବାର ନିୟମ ରହିଛି। କିନ୍ତୁ ଅନୁଗୋଳ ବ୍ଲକରେ ଏ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ବ୍ଲକ ପାନୀୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ ନମିତା ବେହେରା କହିଛନ୍ତି, ବିଭାଗକୁ ମାତ୍ର ୪୦ ରୁ ୪୫ଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ହସ୍ତାନ୍ତର ହୋଇଛି। ଅର୍ଥ ଅଭାବରୁ ରକ୍ଷଣାବେକ୍ଷଣ ଓ ମରାମତି କରାଯାଇପାରୁ ନାହିଁ। ଖୁବ୍‌ଶୀଘ୍ର ମରାମତି କରି ଜଳଯୋଗାଣ ପାଇଁ ଉଦ୍ୟମ ଜାରି ରହିଛି।





# ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

ଅନୁଗୋଳ,୧୪ା୧ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସରକାରୀ ମହାବିଦ୍ୟାଳୟ କ୍ୟାମ୍ପସଠାରେ ମଙ୍ଗଳବାର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ପ୍ରିନ୍ସପାଲ ଡ. ନୀଳାଚଳ ପଟେଲ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ସୁରକ୍ଷା, ନିରାପତ୍ତା ଏବଂ ଆତ୍ମବିଶ୍ୱାସ ପାଇଁ ଏପରି ପ୍ରଶିକ୍ଷଣର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ୩୫୦ରୁ ଅଧିକ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ୨୨ତାରିଖ ପର୍ଯ୍ୟନ୍ତ ଜାରି ରଖିବାକୁ ଯୋଜନା କରାଯାଇଛି। ସୋନାଲି ବିଶ୍ୱାଳ ଏବଂ ନିବେଦିତା ମହାପାତ୍ରଙ୍କ ସକ୍ରିୟ ମାର୍ଗଦର୍ଶନରେ ହେଉଥିବା ଏହି କାର୍ଯ୍ୟକ୍ରମରେ ଶୈଳେନ୍ଦ୍ର ପ୍ରଧାନ ଏବଂ ସୋନାଲିକା ପଣ୍ଡା ମାଷ୍ଟର ଟ୍ରେନର ଭାବରେ ଯୋଗ ଦେଇଛନ୍ତି।



ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଉଛି।

# ଅନୁଗୋଳକୁ ପ୍ରଦୂଷଣମୁକ୍ତ କରିବାକୁ ଦାବି



ବୈଠକରେ ଅନୁଗୋଳ ଜିଲା ସ୍ୱେଚ୍ଛାସେବୀ ସଂଘର କର୍ମକର୍ତ୍ତାମାନେ।

ଅନୁଗୋଳରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯାଏ ଆଜି ସାଇକେଲ ଶୋଭାଯାତ୍ରା

ଅନୁଗୋଳ,୧୪ା୧ (ମାନସ ବିଶ୍ୱାଳ)

ବଢୁଥିବା ପ୍ରଦୂଷଣ ସମସ୍ୟାର ସମାଧାନ ଓ ନିୟନ୍ତ୍ରଣ ନିମନ୍ତେ ଅନୁଗୋଳ ଜିଲା ସ୍ୱେଚ୍ଛାସେବୀ ସଂଘ ତରଫରୁ ବୁଧବାର ଅନୁଗୋଳ ଠାରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯାଏ ସାଇକେଲ ଶୋଭାଯାତ୍ରା କରାଯିବ। ଅନୁଗୋଳ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏହି ଶୋଭାଯାତ୍ରା ବାହାରିବ ବୋଲି ସ୍ୱେଚ୍ଛାସେବୀ ସଂଘର ଆବାହକ ପର୍ଶୁରାମ ଦାଶ ସୂଚନା ଦେଇଛନ୍ତି। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅମଳାପଡ଼ା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ୱେଚ୍ଛାସେବୀ ରୁକେଶ ରୋସନ ଦାଶ, ବିଶ୍ୱଜିତ ବିଶ୍ୱାଳ, ଗୋପାଳ କର, ସୋମ ପ୍ରସାଦ ଦାଶ, ଜୁଲୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ଦାଶ କହିଛନ୍ତି, ପ୍ରଦୂଷଣ ମହାମାରୀ ଭଳି ବ୍ୟାପିବାରେ ଲାଗିଛି। ଏହାର ବିଷ ବଳୟରେ ଅନୁଗୋଳବାସୀ ଜର୍ଜରିତ। ତେଣୁ ଅନୁଗୋଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଦାବି ଜଣାଇବା ଉଦ୍ଦେଶ୍ୟରେ ଅନୁଗୋଳ ଜିଲା ସ୍ୱେଚ୍ଛାସେବୀ ସଂଘର କର୍ମକର୍ତ୍ତାମାନେ ଏହି ସାଇକେଲ ଶୋଭାଯାତ୍ରା କରିବେ। ପ୍ରଦୂଷଣଜନିତ ବ୍ୟାପକ ସମସ୍ୟାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଏହି ସାଇକେଲ ଶୋଭାଯାତ୍ରାରେ ସାମିଲ ହେବାକୁ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର ଆହ୍ୱାନ ଦେଇଛନ୍ତି।

# ଛେଣ୍ଡିପଦାରେ ଧୁମ୍‌ଧାମରେ ମକରମେଳା

ଛେଣ୍ଡିପଦା,୧୪ା୧ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଖମାର ବାବା ବାଣେଶ୍ୱର ମନ୍ଦିର, ପୁରୁଣାଗଡ଼ ବାବା ବରାଳ ବାଲୁଙ୍କେଶ୍ୱର ମନ୍ଦିର, ଝିଣ୍ଟିପାଳ ଅଷ୍ଟଶମ୍ଭୁ, ଜରପଡ଼ା ଧବଳେଶ୍ୱରଙ୍କ ମନ୍ଦିର ସମେତ ଛେଣ୍ଡିପଦା, କୋଶଳା, ବ୍ରାହ୍ମଣବିଲଠାରେ ଥିବା ଶିବ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଓଗୀ କୁମ୍ଭାରଗଡ଼ାସ୍ଥିତ ଧବଳେଶ୍ୱର ମନ୍ଦିରରେ ମନ୍ଦିର କମିଟି ସଭାପତି ସୋମନାଥ ରାଉଳଙ୍କ ତତ୍ତ୍ୱାବଧାନରେ ରୁଦ୍ରାଭିଷେକ, ନାମ ସଂକୀର୍ତ୍ତନ ଓ ଚାରା ରୋପଣ ଆଦି କରାଯାଇଥିଲା। ଖମାର ବାବା ବାଣେଶ୍ୱର ମନ୍ଦିର ନିକଟରେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ, ଲେଗୀ ମକରମେଳାରେ ମା ଝାରିବୁଢ଼ୀଙ୍କ ଆଲାମ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପାତ୍ରପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାୟାଣୀଙ୍କ ମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିବା ବେଳେ ରାଇପାଳ ଠାରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଗସ୍ତି ବେହେରା ଯୋଗଦେଇ ମା' କାଳୀଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ବ୍ରାହ୍ମଣବିଲ ଗ୍ରାମରେ ମଧ୍ୟ ମକର ମେଳା ଅନୁଷ୍ଠିତ ହୋଇଥିଲା।



# ବାବା ଭୁବନେଶ୍ୱର ମନ୍ଦିରରେ ମକରଯାତ୍ରା

ଆଠମଲ୍ଲିକ, ୧୪ା୧ (ଉଦୀପ୍ତ ପୁରୋହିତ)

ମକର ସଂକ୍ରାନ୍ତି ଉପଲକ୍ଷେ ଆଠମଲ୍ଲିକର ସମସ୍ତ ଦେବଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଅଏଡ଼ା ପଞ୍ଚାୟତ ବାଘୁଆକଟାସ୍ଥିତ ବାବା ଭୁବନେଶ୍ୱର ମନ୍ଦିରରେ ମକରଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନଙ୍କ ଦ୍ୱାରା ବିରାଟ କଳସ ଯାତ୍ରା କରାଯାଇ ମନ୍ଦିରରେ ସ୍ଥାପନ କରାଯାଇଥିଲା। କ୍ରିମିନାଲ ବାର ଆସୋସିଏଶନ ସମ୍ପାଦକ ସବ୍ୟସାଚୀ ସିଂହ, ଉପଦେଷ୍ଟା ସୁଧାଂଶୁ ବେହେରା ଯୋଗଦେଇ କଳସ ଯାତ୍ରାରେ କରସେବା ଦାୟିତ୍ୱ ତୁଲାଇଥିଲେ। ଅଞ୍ଜଳି ମିର୍ଦ୍ଧାଙ୍କ ନେତୃତ୍ୱରେ ଭାବଭକ୍ତିର ନୃତ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୧୨ଟି ମୌଜାର ଅଧିବାସୀଙ୍କ ଦ୍ୱାରା ଅନୁଷ୍ଠିତ ମକର ଯାତ୍ରାରେ ଅପେରା ଦେଖିବା ପାଇଁ ପ୍ରବଳ ଭିଡ ଲାଗି ରହିଥିଲା। ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଯୁବନେତା ପିନା ପାଣିଗ୍ରାହୀ ପ୍ରମୁଖ ବାବା ଭୁବନେଶ୍ୱରଙ୍କ ଦର୍ଶନ କରିବା ପରେ ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ବିମାନରେ ବାବା ଭୁବନେଶ୍ୱର ଓ ମାତା ପାର୍ବତୀଙ୍କୁ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଯାତ୍ରା କମିଟି ସଭାପତି କୃଷ୍ଣ ମୋହନ ବଘାର, ସମ୍ପାଦକ ଶେଷଦେବ ବାଣୀଚେର, ସହସମ୍ପାଦକ ନବୀନ ଦେହୁରୀଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



# ଫସଲ ସୁରକ୍ଷା ପାଇଁ ଜୀବନବାଜି

୪୦ ଫୁଟ ଉଚ୍ଚ ମଞ୍ଚାରେ ଜଗି ବସୁଛନ୍ତି ଚାଷୀ

ବନ୍ତଳା,୧୪ା୧ (ସୁଶିତ ସାହୁ)

ବନ୍ୟପ୍ରାଣୀଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ଜୀବନକୁ ବାଜି ଲଗାଉଛନ୍ତି ଚାଷୀ। ଗଛର ଅତି ଉଚ୍ଚସ୍ଥାନରେ ମଞ୍ଚା ବାନ୍ଧି ଚାଷୀମାନେ ସେଠାରେ ରାତିରେ ଜଗି ରହୁଛନ୍ତି। ଅନୁଗୋଳ ବ୍ଲକ ବନ୍ତଳା ଅଞ୍ଚଳର ଚାଷୀମାନେ ଏପରି ଭାବେ ଫସଲକୁ ସୁରକ୍ଷା ଦେବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଜଙ୍ଗଲାଞ୍ଚଳ ବନ୍ତଳାରେ ହାତୀ, ବାର୍ହା, ହରିଣ, କୁଟୁରାଙ୍କ ଦ୍ୱାରା ବାରମ୍ବାର ଫସଲ ନଷ୍ଟ ହେଉଛି। ଫଳରେ ଧାର କରଜ କରି ଫସଲ ଫଳାଇଥିବା ଚାଷୀମାନେ ଏହାକୁ ନେଇ ହତାଶ ହୋଇପଡୁଛନ୍ତି। ଏପରି କି ଏକର ଏକର ଜମିରେ ସୋଲାର ବାଡ଼ ଦେଇଥିଲେ ମଧ୍ୟ ତାହାକୁ ଭାଙ୍ଗି ହାତୀ ଚାଷ ଜମିରେ ପଶି ଫସଲକୁ ଦଳିଚକଟି ଦେଉଛନ୍ତି। ତେଣୁ ନିଜ ଫସଲର ସୁରକ୍ଷା ପାଇଁ ନନ୍ଦପୁର ପଞ୍ଚାୟତ ବରମପୁର ଗାଁର ଚାଷୀ ହେମନ୍ତ ସାହୁ ଗଛର ୪୦ ଫୁଟ ଉଚ୍ଚରେ ମଞ୍ଚା ବାନ୍ଧିଛନ୍ତି। ବିଲାତି ବାଇଗଣ ଚାଷକୁ ବନ୍ୟପ୍ରାଣୀଙ୍କ ମୁହଁରୁ ରକ୍ଷା କରିବା ପାଇଁ ସେ ଗଛ ଉପରେ ଏପରି ମଞ୍ଚା ବାନ୍ଧି ଜଗି ବସୁଛନ୍ତି। ରାତି ହେଲେ ମଞ୍ଚା ଉପରେ ବସି ଟର୍ଚ୍ଚ ଆଲୁଅ ପକାଇ ଓ ପାଟି କରି ହାତୀମାନଙ୍କ ସହ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କୁ ଘଉଡ଼ାଉଛନ୍ତି। ଜୀବନପ୍ରତି ବିପଦ ଥିଲେ ମଧ୍ୟ ଉପାୟଶୂନ୍ୟ ହୋଇ ଚାଷୀଙ୍କୁ ଏପରି ପନ୍ଥା ଆପଣାଇବାକୁ ପଡୁଛି।



୪୦ ଫୁଟ ଉଚ୍ଚରେ ବନ୍ଧା ହୋଇଥିବା ମଞ୍ଚା।

# ପାର୍ବତୀପୁରରେ ମକର ଯାତ୍ରା

ବଇଣ୍ଡା,୧୪ା୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ପାର୍ବତୀପୁର ଗ୍ରାମରେ ମଙ୍ଗଳବାର ମକରଯାତ୍ରା ପାଳିତ ହୋଇଯାଇଛି। ଆଞ୍ଚଳିକ ମକର ଯାତ୍ରା କମିଟି ପକ୍ଷରୁ ଆୟୋଜିତ ଏହି ଯାତ୍ରା ବେଶ୍ ଧୁମଧାମରେ ପାଳନ ହୋଇଥିଲା। ଶିବ ଓ ମାତା ପାର୍ବତୀଙ୍କ ମୂର୍ତ୍ତିକୁ ପୂଜା କରିବା ପରେ ଗୁଜା ପାହାଡ଼କୁ ପୂଜା କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ କଂଶ ମହାରାଜ ଆସିବାପରେ ଯାତ୍ରା ମଣ୍ଡପକୁ ଯାଇ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ବାଜାବାଣରେ ଗ୍ରାମ ଚଳଚଞ୍ଚଳ ହୋଇପଡ଼ିଥିବାବେଳେ ଆଖପାଖ ଅଞ୍ଚଳରୁ ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ବହୁ ଉଠାଦୋକାନ ପଡ଼ିଥିଲା। ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟିର ବୃଷଭ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ପୀତବାସ ପ୍ରଧାନ, ବାପୁନ ସାହୁ, ସନ୍ତୋଷ ଦେହୁରୀ, ଖଗେଶ୍ୱର ସାହୁ, ଗଣେଶ୍ୱର ବେହେରା, ଉମାକାନ୍ତ ପ୍ରଧାନ, ବଳଭଦ୍ର ପ୍ରଧାନ, ଅରୁଣ ପ୍ରଧାନ, ତ୍ରିନାଥ ପ୍ରଧାନ, ଲିଙ୍ଗରାଜ ବିଶ୍ୱାଳଙ୍କ ସମେତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



# ନୂତନ ଶିକ୍ଷାନୀତି ଉପରେ ଆଲୋକପାତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଅନୁଗୋଳ,୧୪ା୧ (ମାନସ ବିଶ୍ୱାଳ)

ଅନୁଗୋଳ ତୁରଙ୍ଗସ୍ଥିତ ଓଡ଼ିଶା ବ୍ରିଗେଡ଼ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି, କଲେଜ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ମୁଖ୍ୟବକ୍ତା, ସରପଞ୍ଚ ସମରେନ୍ଦ୍ର ଦେହୁରୀ ଓ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ପରିଚାଳନା ସଦସ୍ୟା ରୋଜାଲିନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେବା ଯୋଗୁ ଶିକ୍ଷାର୍ଥୀମାନେ କିଭଳି ନିଜ ଅଞ୍ଚଳର ଭାଷାରେ ଶିକ୍ଷାଲାଭ କରି ଦେଶ ଓ ଦେଶର ହିତ ସାଧନ ପାଇଁ ପ୍ରେରିତ ହେବେ ସେ ସମ୍ପର୍କରେ ମୁଖ୍ୟ ଅତିଥି ବେହେରା ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ପଣ୍ଡା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ମାତାପିତାଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ଅନ୍ୟତମ ଉଦ୍ୟୋକ୍ତା ସ୍ୱର୍ଗତ ଶ୍ରୀନିବାସ ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସମ୍ପାଦକ ରାମାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ସମ୍ପାଦକ ରାମାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ ଶୁଣାଣିରେ ୨୭ ଅଭିଯୋଗ

ତାଳଚେର,୧୪ା୧ (ମନୋଜ ନନ୍ଦ)

ତାଳଚେର ବ୍ଲକ କାର୍ଯ୍ୟାଳୟଠାରେ ଅନୁଗୋଳ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ମୋଟ ୨୭ଟି ଅଭିଯୋଗ ଶିବିରରେ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪ଟିରେ ଫଇସଲା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ଶିବାଶିଷ କାନୁନ୍‌ଗୋ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରିତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୨୨ ଅଭିଯୋଗ ଗ୍ରହଣ କରାଯାଇଥିଲା।

# ଗମନାଗମନ, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଦାବି

ତାଳଚେର,୧୪ା୧ (ମନୋଜ ନନ୍ଦ)

ତାଳଚେରବାସୀଙ୍କୁ ଉଚିତ ଗମନାଗମନ ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ତାଳଚେର ଜନବିକାଶ କଲ୍ୟାଣ ସଂଘ ତରଫରୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପଞ୍ଚାୟତ ସଭାଗୃହ ଠାରେ ଅନୁଷ୍ଠିତ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ପ୍ରଦାନ କରଯାଇଛି। ଏଥିରେ ଦର୍ଶାଯାଇଛି, ଖଣି ଓ କଳକାରଖାନା ଯୋଗୁ ପ୍ରଦୂଷଣରେ ତାଳଚେର ଦେଶର ସର୍ବୋଚ୍ଚ ପ୍ରଦୂଷିତ ଅଞ୍ଚଳ ଭାବେ ପରିଗଣିତ ହେଉଛି। କୋଇଲା ଖଣିଗୁଡ଼ିକରୁ ଦୈନିକ ଶତାଧିକ କୋଟି ଟଙ୍କାର ରାଜସ୍ୱ ସରକାର ପାଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ଲାଭବାନ ହେଉଛନ୍ତି। ଦେଶ ଓ ରାଜ୍ୟ ବିକାଶରେ ତାଳଚେରବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଏଠିକାର ସ୍ଥାନୀୟ ବିସ୍ଥାପିତ ପ୍ରଜା, ପ୍ରଭାବିତ ଅଞ୍ଚଳବାସୀ ଗମନାଗମନ, ସ୍ୱାସ୍ଥ୍ୟସେବା ସହ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପ୍ରତି ମୁହୂର୍ତ୍ତରେ ସ୍ଥାନୀୟ ଲୋକଙ୍କ ମାନବୀୟ ଅଧିକାର କ୍ଷୁଣ୍ଣ ହେଉଛି। ତେଣୁ ଗୋଡ଼ିବନ୍ଧ ଠାରୁ ବହ୍ଳର ଦେଇ ବଅଁରପାଳ ଯାଏ ୧୪୯ ନମ୍ବର ଜାତୀୟ ରାଜପଥକୁ ଚାରିଥାକିଆ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା, ଘଣ୍ଟପଡ଼ା ରେଳବାଇ ଫାଟକ ପାଖ ବ୍ରିଜ୍ କାର୍ଯ୍ୟ ଶେଷ କରିବା, ୧୪୯ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଟାଉନ ବାଇପାସ ଛକ ଠାରୁ ହାଟତୋଟା ଯିବା ରାସ୍ତାରେ ଥିବା ଏନ୍‌ଟିପିସି ରେଲୱେ ଫାଟକ ପାଖରେ ଓଭର ବ୍ରିଜ ନିର୍ମାଣ ପାଇଁ ଏନଟିପିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା, ତାଳଚେର, ପାଲଲହଡା ଉପଖଣ୍ଡ ଚିକିତ୍ସାଳୟ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରୁ ପବିତ୍ର ମୋହନ ପ୍ରଧାନ ସରକାରୀ ଚିକିତ୍ସାଳୟକୁ ରୋଗୀ ରେଫର କରାଯିବାର ବ୍ୟବସ୍ଥା କରାଯିବା ଏବଂ ୨୪ ଘଣ୍ଟିଆ ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବା ନିମନ୍ତେ ନିବେଦନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ତାଳଚେର ଜନବିକାଶ କଲ୍ୟାଣ ସଂଘ ସଭାପତି ଭୂପେନ ଥମ୍ବ, ସମ୍ପାଦକ ଦ୍ରୁମଦ ପ୍ରଧାନ, ଶୋଭାଗିନୀ ଦେବୀ, ରାଜୀବ ଦାସ, ଜିତେନ୍ଦ୍ର ମହାପାତ୍ର, ଦୀପକ ସାହୁ, ମିଥୁନ କୁମାର ଜେନା, କିଶୋର କୁମାର ସାହୁ, ହିମାଂଶୁ ଶେଖର ମିଶ୍ର, ଜ୍ୟୋତି ରଞ୍ଜନ ଦାସ, ସୁଲେଖ ସେଠୀ, ଧୀରେନ ଦାସ, ଦାଶରଥି ସାହୁ ଓ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ତାଳଚେର ଜନବିକାଶ କଲ୍ୟାଣ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବେଡ଼ାପଡ଼ା ଗ୍ରାମ ପୁରୁଷଶୂନ୍ୟ**

ରାସୋଳ,(ସରୋଜ ମିଶ୍ର): ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବେଡ଼ାପଡ଼ା ଗ୍ରାମରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ମଙ୍ଗଳବାର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ୧୪୪ଧାରା ଜାରି କରାଯାଇଛି । ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ ଅଛନ୍ତି । ଗାଁକୁ ପୁରୁଷ ଲୋକ ଏପର୍ଯ୍ୟନ୍ତ ଫେରି ନାହାନ୍ତି । ସେମାନେ ଗାଁକୁ ଫେରି ଆସନ୍ତୁ ଏବଂ ଖୁବଶୀଘ୍ର ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିଚାର ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ଦିଆଯାଇଛି ।

# ଗ୍ରାମାଞ୍ଚଳ ସାହିତ୍ୟ ଅନୁଷ୍ଠାନଗୁଡ଼ିକ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ

## ଛଦେଶ ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୪।୧(ରତନ ନାୟାର)



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି ।

ଛଦେଶ ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବ ଭାପୁର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ଗ୍ରାମାଞ୍ଚଳରେ ଗଢି ଉଠିଥିବା ସାହିତ୍ୟ ଅନୁଷ୍ଠାନଗୁଡିକ ବାସ୍ତବରେ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ। ଛଦେଶ ସାହିତ୍ୟ ସଂସଦ ଜିଲାସ୍ତରରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବରେ ନିଜ ଅଞ୍ଚଳର ସାହିତ୍ୟ,କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଚାର ପ୍ରସାର କରୁଥିବାରୁ ମନ୍ତ୍ରୀ ଏହାର ପ୍ରଶଂସା କରିଥିଲେ । ଛଦେଶର ସାହିତ୍ୟ ସଂସଦ ପକ୍ଷରୁ କରାଯାଇଥିବା ସାର୍ବଜନୀନ ଦାବି ଉପରେ ଗୁରୁତ୍ୱ ଦେଇ ଛଦେଶକୁ ବ୍ଲକ ପୁର୍ନଗଠନ ଯୋଜନାରେ ସାମିଲ କରିବା ସହ ଛଦେଶ ଥାନା ଗଠନ, ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ଉଚ୍ଚମାନ ସରକାରୀ ବୈଷୟିକ ଅନୁଷ୍ଠାନ, ବହୁମୁଖୀ ପ୍ରେକ୍ଷାଳୟ ନିର୍ମାଣ, ସାପୁଆର ପୁର୍ନଜୀବନ ଓ ବନ୍ଦ ହୋଇଥିବା ବିଷ୍ଣୁପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଯୁବ ଓ ମହିଳା କୌଶଳ ବିକାଶ କେନ୍ଦ୍ର ପ୍ରତିଷ୍ଠା ଉପରେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ସଂସଦର ମୁଖପତ୍ର 'ଅନ୍ୱେଷା' ଓ କବି ଦୁର୍ଯ୍ୟୋଧନ ନାୟକଙ୍କ କବିତା ସଂକଳନ 'କବିତା ସୌରଭ' ଉନ୍ମୋଚିତ ହୋଇଥିଲା । ବିଶିଷ୍ଟ ଭାଷା ବିଜ୍ଞାନୀ ଗୋଲକ ବିହାରୀ ଧଳ ସ୍ମୃତି ସମ୍ମାନରେ ଡା. ରବି ନାରାୟଣ ପଣ୍ଡା, ବଂଶୀଧର ଜେନା କଳା ସମ୍ମାନରେ ଆନନ୍ଦ ସାମଲ, ଚନ୍ଦ୍ରଶେଖର ଶତପଥୀ ସାହିତ୍ୟ ସମ୍ମାନରେ କାହ୍ନୁଚରଣ ମୁଦୁଲି, ନୃପବର ଧଳ ସେବା ସମ୍ମାନରେ ରବି ନାରାୟଣ ରାଉତ, ଛଦେଶ ଆଦର୍ଶ କୃଷକ ସମ୍ମାନରେ ଉଲ୍ଲାସଚନ୍ଦ୍ର ବିଶ୍ୱାଳ, କ୍ୟାପଟେନ ନୃପବର ସ୍ମୃତି ସମ୍ମାନରେ ନିମାଇଁ ଚରଣ ଜେନା, ପ୍ରଫୁଲ୍ଲ ଜଗଦେବ ସ୍ମୃତି ସମ୍ମାନରେ ହୃଦାନନ୍ଦ ବେହେରା, ନିବାରଣ ଚନ୍ଦ୍ର ଧଳ ସ୍ମୃତି ସମ୍ମାନରେ ପ୍ରାଣବନ୍ଧୁ ନାୟକ, ସ୍ୱର୍ଣ୍ଣତାରା ପ୍ରତିଭା ପ୍ରେରଣା ସମ୍ମାନରେ ପ୍ରକାଶଚନ୍ଦ୍ର ରାଉତ, ବିଶ୍ୱ ଓଡିଶା କଳାକାର ସମ୍ମାନରେ କୁଳମଣୀ ସାହୁ, ବିଶ୍ୱ ଓଡିଶା ସାରସ୍ୱତ ସମ୍ମାନରେ ସୁବାସ ନାୟକ ଓ ଛଦେଶ ସାହିତ୍ୟ ସଂସଦ ସ୍ୱତନ୍ତ୍ର ସମ୍ମାନରେ ଶଙ୍କର୍ଷଣ ଶତପଥୀ ସମ୍ମାନିତ ହୋଇଥିଲେ । ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଷ୍ଣୁ ପ୍ରସାଦ ଲେଙ୍କା ଓ ସାହିତିତ୍ୟ କବି ଇନ୍ଦ୍ରମଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ନୀଳମଣି ମହାରଣା ଉତ୍ସବରେ ସଭାପତିତ୍ୱ କରିଥଲେ । ସୋମବାର ପ୍ରଥମ ଦିବସରେ ଅବସରପ୍ରାପ୍ତ ପ୍ରଶାସକ ତପନ କୁମାର ଶତପଥୀ ଉତ୍ସବକୁ ଉଦଘାଟନ କରିଥିଲେ । ଉପସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ଛଦେଶ ଦେଇ ରେଳପଥ ଯିବା ଓ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଇଂ. ବାବୁଚାନ୍ଦ ମହାଳିକ ଓ ସରପଞ୍ଚ ଇନ୍ଦୁମତୀ ଭାଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପସଭାପତି ପ୍ରକାଶଚନ୍ଦ୍ର ଜଗଦେବଙ୍କ ସଭାପତିତ୍ୱରେ କବିତା ସ୍ୱତଶ୍ୱିନୀ ଅନୁଷ୍ଠିତ ହୋଇଥିଲା । ଏଥିରେ କାଳୀଚରଣ ତ୍ରିପାଠୀ ଓ କାହ୍ନୁ ଚରଣ ମୁଦୁଲି ସଂଯୋଜନା କରିଥିଲେ । ସଂଗଠନ ସମ୍ପାଦକ ଅମିତ ଚନ୍ଦ୍ର ରାଉତ, ବରିଷ୍ଠ ସଦସ୍ୟ ଅଲେଖ ଚରଣ ସାହୁ, ସାମାଜିକ ସମ୍ପାଦକ ଧନଞ୍ଜୟ ଧଳ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ଧଳ, ସହ ସମ୍ପାଦକ ଧ୍ରୁବଚରଣ ରାଉତ, ସଲିଳା ରାଉତ, ଜାପାନୀ ଜଗଦେବ ଓ ତପସ୍ୱିନୀ ଧଳଙ୍କ ପରିଚାଳନାରେ ପ୍ରତିଭା ଅନ୍ୱେଷା ଓ ଗୃହଲକ୍ଷ୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ଫକୀର ମୋହନ ସାହୁ, ସଂଗଠନ ସମ୍ପାଦକ ଜୟକୃଷ୍ଣ ମହାପାତ୍ର, ସୂର୍ଯ୍ୟମଣୀ ପୃଷ୍ଟି, ବୀରବର ମିଶ୍ର, ପ୍ରମୋଦ କୁମାର ଦାସ, ଅନିରୁଦ୍ଧ ସାହୁ, ସୁଦର୍ଶନ ସେଠି, ଅକାରଣ ସାହୁ, ସ୍ୱଦେଶ ରଞ୍ଜନ ଧଳ, ପ୍ରଫୁଲ୍ଲ କୁମାର ସାହୁ, ଅଜିତ କୁମାର ମହାପାତ୍ର, ନବକିଶୋର ମଲ୍ଲିକ, ଦିଲୀପ କୁମାର ପଣ୍ଡା, ରମେଶଚନ୍ଦ୍ର ବେହେରା, ସରୋଜକାନ୍ତ ପଣ୍ଡା, କୁନା ତ୍ରିପାଠୀ, ରମାକାନ୍ତ ସାହୁ ଓ ସନ୍ଦିପ ପୃଷ୍ଟି ସହଯୋଗ କରିଥିଲେ । ଆବାହକ ମନୋଜ କୁମାର ସାହୁ ମନ୍ମୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦକ ବାସୁଦେବ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ମକର ସଂକ୍ରାନ୍ତି ମହୋତ୍ସବ




ଢେଙ୍କାନାଳ,୧୪।୧(ରତନ ନାୟାର)

ଟାଟାଷ୍ଟିଲ ଫାଉଣ୍ଡେଶନ ମେରାମଣ୍ଡଳୀ ପକ୍ଷରୁ ମଙ୍ଗଳବାର ଜିଲାର ନୂଆଗାଁ ପଞ୍ଚାୟତ ଖଲିବେରେଣାଠାରେ ମକର ସଂକ୍ରାନ୍ତି ମହୋତ୍ସବ ପାଳିତ ହୋଇଯାଇଛି। ସଂସ୍କୃତି, ଐତିହ୍ୟ, କୃଷି ପରମ୍ପରା ଏବଂ ଆଧାତ୍ମିକ ମୂଲ୍ୟବୋଧକୁ ସମ୍ମାନ ଦେବା ସହ ସାମାଜିକ ବନ୍ଧନକୁ ସୁଦୃଢ କରିବା ପାଇଁ ଟାଟାଷ୍ଟିଲ ଫାଉଣ୍ଡେଶନ ମେରାମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ୮ଟି ପଞ୍ଚାୟତର ୩୫୦ରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ, ମହିଳା ଓ କୃଷକ ଅଂଶଗ୍ରହଣ କରିଥିଲେ । ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ପଞ୍ଚାୟତର ପଞ୍ଚାୟତରାଜ ବ୍ୟବସ୍ଥାର ସଦସ୍ୟ ଓ ଉତ୍ସବ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ବହୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଟାଟାଷ୍ଟିଲ ମେରାମଣ୍ଡଳୀ କର୍ପୋରେଟ ସର୍ଭିସେସ୍ ମୁଖ୍ୟ ମୋହିତ ଦାସ, କର୍ପୋରେଟ୍ ରିଲେସନ୍ସର ମୁଖ୍ୟ ନୃସିଂହ ଚରଣ ମହାପାତ୍ର, ଜମି ଓ ଲିଜ୍ ବିଭାଗ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ପାଣି ଓ ଟାଟାଷ୍ଟିଲ ଫାଉଣ୍ଡେସନ ୟୁନିଟ୍ ହେଡ କୁମାର ସୌରଭ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ମଉଳା ଭଣଜା ପୀଠରେ ମକରମେଳା



ଭୁବନ, ୧୪।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମଠ କରୋଗଳା ପଞ୍ଚାୟତ ଭୁଆଶୁଣି ପାହାଡ଼ ତଳେ ଥିବା ମଉଳା ଭଣଜା ପୀଠରେ ମଙ୍ଗଳବାର ମକର ମେଳା ପାଳିତ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବୁଦ୍ଧେଶ୍ୱର ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ମଠକରଗୋଳାର ତୁଳା ଭଣଜା ପାହାଡ଼ରେ ପ୍ରତ୍ୟକ ବର୍ଷ ପରି ଚଳିତ ବର୍ଷ ମକର ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ପୀଠ ଶତାଧିକ ବର୍ଷ ତଳୁ ଏକ ପୌରାଣିକ କଥାକୁ ନେଇ ମଉଳା ଭଣଜା ପୀଠ ନାମରେ ଏକ କିମ୍ବଦନ୍ତୀ ରହିଛି। ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, କାହିଁ କେଉଁ ଯୁଗରୁ ମାମୁ ଓ ଭଣଜା ବିଭାଘର ପାଇଁ ରାସ୍ତାରେ ଯାଉଥିବା ସମୟରେ ଏହି ସ୍ଥାନରେ ମୁହାଁମୁହିଁ ହୋଇଯାଇଥିଲେ। ଫଳରେ ମାମୁ ଓ ଭଣଜା ପଥର ପାଲଟି ଯାଇଥିବା ବେଳେ ସାଥିରେ ଯାଇଥିବା ହାତୀ, ଘୋଡା, ବାଜା ଓ ବରଯାତ୍ରୀ ମଧ୍ୟ ପଥର ହୋଇ ଯାଇଥିଲେ। ସେହି ଦିନଠାରୁ ମଠକରୋଗଳାବାସୀ ପିଢି ପରେ ପିଢି ଶାଳ ଜଙ୍ଗଲ ମଧ୍ୟରେ ଥିବା ଦୁଇଟି ବଡ଼ବଡ଼ ପଥରକୁ ମଉଳା ଭଣଜା ଠାକୁର ଭାବେ ପୂଜା କରି ଆସୁଛନ୍ତି। ଏହି ସ୍ଥାନରେ ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁମାନେ ବ୍ରତ ପାଳନ କରିଥାନ୍ତି।

# ଜୟନ୍ତୀରେ ଫକୀରମୋହନ ସ୍ମୃତି ସଦନରେ ତାଲା

ଢେଙ୍କାନାଳ,୧୪।୧(ରତନ ନାୟାର)




ମକର ସଂକ୍ରାନ୍ତି ଦିବସରେ ଆଧୁନିକ ଓଡିଆ କ୍ଷୁଦ୍ର ଗଳ୍ପର ଜନକ, ଓଡିଆ ଭାଷା ସାହିତ୍ୟର ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମ ଦିବସ । ୧୮୭୭ରୁ ୧୮୮୩ ପର୍ଯ୍ୟନ୍ତ ଦୀର୍ଘବର୍ଷ ଧରି ଫକୀରମୋହନ ଢେଙ୍କାନାଳ ଗଡଜାତ ରାଜ୍ୟର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ଅବସ୍ଥାପିତ ହୋଇ ନିଜର ରାଜକାର୍ଯ୍ୟ ସହିତ ସାହିତ୍ୟ ସାଧନା କରିଥିଲେ । ତାଙ୍କ ରଚିତ ଆତ୍ମଜୀବନୀର ତଥ୍ୟକୁ ଆଧାର କରି ଢେଙ୍କାନାଳରେ ସେ ଯେଉଁ ବାସଗୃହରେ ରହୁଥିଲେ ଏହାକୁ ୨୦୦୬ ମସିହାରେ ଜିଲା ପ୍ରଶାସନ ପକ୍ଷରୁ ଫକୀରୟମୋହନ ସ୍ମୃତି ସଦନ ଭାବରେ ସଂରକ୍ଷିତ କରାଯାଇ ସଦନ ଭିତରେ କବିଙ୍କର ଏକ ତୈଳଚିତ୍ର ସ୍ଥାପିତ ହୋଇଥିଲା । ସ୍ମୃତି ସଦନର ରକ୍ଷଣାବେକ୍ଷଣ ନିମନ୍ତେ ଭଡ଼ାଘରେ ଚାଲୁଥିବା ସଂସ୍କୃତି ଭବନର ଜିଲା ପାଠାଗାରକୁ ସଦନ ପରିସରକୁ ଉଠାଇ ଅଣାଯାଇଥିଲା । ଫକୀରମୋହନ ଏହି ଘରେ ସଂସ୍କୃତ ରାମାୟଣର ଆକ୍ଷରିକ ଓଡିଆ ଅନୁବାଦ କରି ପରେ ସରସ୍ୱତୀ ଉପାଧି ପାଇଥିଲେ, ଯାହାକି ସମଗ୍ର ଜିଲାବାସୀଙ୍କ ପାଇଁ ଗୌରବର ବିଷୟ । କିନ୍ତୁ ମଙ୍ଗଳବାର ତାଙ୍କର ଜୟନ୍ତୀ ଦିବସରେ ସ୍ମୃତି ସଦନରେ ତାଲା ପଡ଼ିବା ଘଟଣା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି । ବ୍ୟାସକବିଙ୍କ ଜନ୍ମ ଦିବସରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଦଳ ଫକୀରମୋହନ ସ୍ମୃତି ସଦନରେ ପହଁଚି ତାଲା ପଡ଼ିଥିବା ଦେଖି ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିନପାରି ନିରାଶ ହୋଇଥିଲେ । ସେମାନେ ସଦନର ନାମ ଫଳକରେ ପୁଷ୍ପମାଲ୍ୟ ଅର୍ପଣ କରି ଫେରିଥିଲେ । ପ୍ରତିବର୍ଷ ବ୍ୟାସକବିଙ୍କ ଜୟନ୍ତୀ ଉତ୍ସବରେ ସଦନରେ ବହୁ ସାହିତ୍ୟପ୍ରେମୀ ଓ ଅନୁଷ୍ଠାନ ପକ୍ଷରୁ କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥାଏ । କିନ୍ତୁ ଏହି ଘଟଣାରେ ଜିଲାର ସଂସ୍କୃତି, ଐତିହ୍ୟ ଓ ସାହିତ୍ୟକୁ

## ନିରାଶ ହୋଇ ଫେରିଲେ ଐତିହ୍ୟ ପଦଯାତ୍ରୀ

ସମର୍ପିତ ଢେଙ୍କାନାଳ ଐତିହ୍ୟ ପଦଯାତ୍ରୀ ଦଳ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ନ କରି ଫେରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏହି ଅବସରରେ ପଦଯାତ୍ରୀ ଦଳର ଆବାହକ ଅଧ୍ୟାପକ କବି ସୁରେଶ ମିଶ୍ର, ଫକୀରମୋହନଙ୍କ ଢେଙ୍କାନାଳ ରହଣି ଓ ରହଣି ସମୟରେ ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରି ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଦ୍ରିନାଥ ଜେନା, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ଶ୍ରୀମନ୍ତ ମିଶ୍ର, ମିହିର ରାଉତ, ସନ୍ୟାସୀ ପରିଡା, ସୁଧାଂଶୁ କୁମାର ସ୍ୱାଇଁ, ସୁମନ ରାୟ ଓ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି କାର୍ଯ୍ୟକ୍ରମ ଉଦ୍‌ଯାପିତ

ଓଡ଼ାପଡ଼ା, ୧୪।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ ବିଭିନ୍ନ କ୍ଲଷ୍ଟରସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗତ ୩ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୧ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ାପଡ଼ା ମଣ୍ଡଳ ଅନ୍ତର୍ଗତ ୧୫୧ଟି ବିଦ୍ୟାଳୟର ୧୦୧୯ଜଣ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୭ ଟି ଶିବିରରେ ୫୦୩ଜଣ ଛାତ୍ରୀଛାତ୍ରଙ୍କୁ ଚଷମା ବଣ୍ଟନ କରାଯାଇଥିବା ବେଳେ ୩୪ ଜଣ ଛାତ୍ରୀଛାତ୍ରଙ୍କୁ ଉନ୍ନତ ସେବା ନିମନ୍ତେ ସୁପାରିସ କରାଯାଇଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରକାଶ। ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋ ଓ ବିଆର୍‌ସି ଶ୍ରୀଧର ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମମତା ଦେହୁରୀ ପରିଚାଳନା କରୁଥିବା ବେଳେ ସମସ୍ତ ସିଆରସିସି ଓ ଆଇଇଭିମାନେ ସହଯୋଗ କରିଥିଲେ।

# ଲେଖକମାନଙ୍କ କଲମ ସମାଜ ପରିବର୍ତ୍ତନରେ ସହାୟ ହୋଇଥାଏ

## ଫକୀରମୋହନ ଜୟନ୍ତୀ ପାଳନ ଓ ମକର ମିଳନ

ଢେଙ୍କାନାଳ,୧୪।୧(ରତନ ନାୟାର)



ଢେଙ୍କାନାଳ ଜିଲା ସଂସ୍କୃତି ପରିଷଦ ଓ ଜିଲା ଲେଖକ ସଂସଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଶାଣ୍ଡିଲ୍ୟ ବସନ୍ତ ଭବନ ପରିସରରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଥିଲେ, ଲେଖକମାନଙ୍କ କଲମ ସମାଜ ପରିବର୍ତ୍ତନରେ ସହାୟ ହୋଇଥାଏ। ସମାଜରୁ କୁସଂସ୍କାର ଦୂର କରିବା ପାଇଁ ଫକୀରମୋହନ କ୍ଷୁଦ୍ର ଗଳ୍ପ ଲେଖି ଆଜି ଚିରନମସ୍ୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅନୁଗୋଳ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. ଶାନ୍ତନୁ କୁମାର ସର ଯୋଗଦେଇ କହିଲେ ଯେ, ଫକୀରମୋହନଙ୍କ କ୍ଷୁଦ୍ର ଗଳ୍ପ ଯୋଗୁ ସମାଜର ପରିବର୍ତ୍ତନ ହୋଇପାରିଛି । ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସାହିତ୍ୟିକ ଅଧ୍ୟାପକ ଗୁରୁଚରଣ ରାଉତରାୟ କହିଲେ, ଫକୀରମୋହନ ସେନାପତି ଉପନ୍ୟାସରେ ସମାଜର ପଦଧ୍ୱନୀ ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁସାହିତ୍ୟିକା ତଥା ସଂସଦର ପୃଷ୍ଠପୋଷକ କଳ୍ପନାମୟୀ ଦାଶ କହିଲେ, ସଂସଦରେ ନୂତନ କବି ସୃଷ୍ଟି କରିବା ଓ ସେମାନଙ୍କୁ ଲୋକଲୋଚନକୁ ଆଣିପାରିଲେ ଆମମାନଙ୍କର ଶ୍ରମ ସାର୍ଥକ ହୋଇପାରିବ । ସଂସଦର ଉପଦେଷ୍ଟା ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ଫକୀରମୋହନ ଜୀବନୀକୁ ନେଇ ସନ୍ଦର୍ଭ ପାଠ କରିଥିଲେ । ଉତ୍ସବରେ ସଭାପତିତ୍ୱ କରି ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକ, ଫକୀରମୋହନ ସ୍ମୃତି ସଂସଦଠାରେ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଏମ୍‌ପି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ମଞ୍ଚ ସଞ୍ଚାଳନ କରିବା ସହିତ ଭାଷା, ସାହିତ୍ୟ,ସଂସ୍କୃତି ଆଧାରରେ ଓଡିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। କୃଷିଦା ବେଗମ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ପରିଚାଳନା ସମ୍ପାଦକ ଅଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ସକାଳ ୮ଟାରେ ଫକୀରମୋହନ ସ୍ମୃତି ସଂସଦଠାରେ ବ୍ୟାସକବିଙ୍କ ତୈଳଚିତ୍ରରେ ଉପଜିଲାପାଳ ବିବୁଧ ଗଡନାୟକ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ସଂସଦର ସଭାପତି ବସନ୍ତ ପଟ୍ଟନାୟକ, ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଓ ରାଜ୍ୟ ଲୋକକଳା ଉପସଭାପତି ଅବନୀ ମିଶ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ବରିଷ୍ଠ କବି ଗୋଲକ ବିହାରୀ ବେହେରାଙ୍କ ସଭାପତିତ୍ୱରେ ୪୬ଜଣ କବି ଓ କୈବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ସୁରେନ୍ଦ୍ର ପୃଷ୍ଟି ଓ ମାନସୀ କର ସଂଯୋଜନା କରିଥିଲେ ।

# 'ବରା ଭଳି ମଗଜିକୁ ବିଶ୍ୱପ୍ରସିଦ୍ଧ କରାଯିବ'

ଢେଙ୍କାନାଳ,୧୪।୧(ରତନ ନାୟାର):



ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ମଙ୍ଗଳବାର ଢେଙ୍କାନାଳ ମିଠା ଦୋକାନୀ ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱ ମଗଜି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ମଗଜି ଏକ ସୁସ୍ୱାଦୁ ମିଠା । ଏହାର ସ୍ୱାଦ ନିଆରା । ଢେଙ୍କାନାଳ ପ୍ରସିଦ୍ଧ ବରା ଭଳି ମଗଜିକୁ ମଧ୍ୟ ବିଶ୍ୱ ପ୍ରସିଦ୍ଧ କରାଯିବା ପାଇଁ ଏହାର ପ୍ରଚାର ପ୍ରସାର କରାଯିବ । ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘର ସଭାପତି ରାଜେନ୍ଦ୍ର ଦାସ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ପୂର୍ବତନ ନଗରପାଳ ସୁନିଲ ଶର୍ମା, ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ ପ୍ରଦ୍ୟୁମ୍ନ ରଥ, ଡ. ଦିବ୍ୟସୁନ୍ଦର କର ପ୍ରମୁଖ ଯୋଗଦେଇ ବିଶ୍ୱ ମଗଜି ଦିବସ ଏକ ନିଆରା ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ । ଆବାହକ ଇଂ. ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଢେଙ୍କାନାଳ ମୀଠା ଦୋକାନୀ ସଂଘ ସଭାପତି ଜୟ ପ୍ରକାଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଘର କର୍ମକର୍ତ୍ତା ଓ ସଦସ୍ୟ ହୃଷିକେଶ ସାହୁ, ବଳରାମ ସାହୁ, ପ୍ରସନ୍ନ କୁମାର ସାହୁ, ପ୍ରସିତ କୁମାର ସାହୁ, ସୋମନାଥ ସାହୁ, ଶିବାନନ୍ଦ ସାହୁ, ଶଶିକାନ୍ତ ସାହୁ, ମନୋଜ ସାହୁ, ଯଶୋବନ୍ତ ସାହୁ, ଜ୍ୟୋତିରାମ ସିଂହ, ପ୍ରଦୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ଜିତେଶ କୋଟାକ ଧନ୍ୟବାଦ ପ୍ରଦାନ କରିଥିଲେ । କବି ଶତୃଘ୍ନ ମାଟି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ

ପରଜଙ୍ଗ, ୧୪।୧(ନିଗମାନନ୍ଦ ଦଳବେହେରା)




୧୯୩୬ ଅପ୍ରେଲ ୧ରେ ଓଡ଼ିଆ ଭାଷାକୁ ନେଇ ସ୍ୱତନ୍ତ୍ର ଓଡିଶା ରାଜ୍ୟର ଗଠନ ହୋଇଥିଲା। ତେବେ ଓଡ଼ିଶା ଓ ଓଡ଼ିଆ ଭାଷା ସ୍ୱତନ୍ତ୍ର କରିବା ପାଇଁ ଯେଉଁ କେତେଜଣ ମହାପୁରୁଷ ସଂଗ୍ରାମ କରିଥିଲେ ସେମାନଙ୍କ ମଧ୍ୟରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ। ସେଥିପାଇଁ ତାଙ୍କୁ ଓଡ଼ିଆ ଜାତି ତଥା ଓଡ଼ିଆ ଭାଷାର ସେନାପତି ମଧ୍ୟ କୁହାଯାଏ। ସେହି ମହାପୁରୁଷଙ୍କୁ ଚିରସ୍ମରଣୀୟ କରିବା ପାଇଁ ମକର ସଂକ୍ରାନ୍ତି ଦିନଟିକୁ ତାଙ୍କର ଜୟନ୍ତୀ ହିସାବରେ ସାରା ଓଡ଼ିଶାରେ ପାଳନ କରାଯାଇଥାଏ। ବୀରଭୂମି ସାହିତ୍ୟ ସଂସଦ ପକ୍ଷରୁ ପରଜଙ୍ଗ ବ୍ଲକର ବରିଷ୍ଠ ନାଗରିକଙ୍କ ସଭା ଗୃହରେ ମଙ୍ଗଳବାର ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲାବେଳେ ବୀରଭୂମି ସାହିତ୍ୟ ସଂସଦର ସଭାପତି ଯୁଗଳ କିଶୋର ନାୟକ, ଓଡ଼ିଆ ଅଧ୍ୟାପକ ଅଞ୍ଜନ କୁମାର ମହାରଣା ଓ କବି ଯତିନ୍ଦ୍ର କୁମାର ସାହୁ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିମାନେ ଫକୀରମୋହନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉତ୍ସବକୁ ଆରମ୍ଭ କରିଥିଲେ। କବି ସୁଧାକର ନାୟକ, ସୁବାସ ଚନ୍ଦ୍ର ଭୁତିଆ, ଅମୂଲ୍ୟ କୁମାର ସାହୁ, ନଳିନୀକାନ୍ତ ସାହୁ, ରଞ୍ଜନ କୁମାର ବିଶ୍ୱାଳ, ଅଞ୍ଜନ କୁମାର ମହାରଣା, ଭୀମସେନ ଖଟୁଆ, ଅଭୟ ରଞ୍ଜନ ନାୟକ, ଅମୂଲ୍ୟ ସାହୁ, ଜଗଦୀଶ ନାୟକ ଓ କବୟିତ୍ରୀ ଜ୍ୟୋସ୍ନାମୟୀ ଦାସ ସ୍ୱରଚିତ କବିତା ପାଠ କରିଥିଲେ। କବି ଯୁଗଳ କିଶୋର ନାୟକ କବିତାଗୁଡ଼ିକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଞ୍ଜନ କୁମାର ମହାରଣା ସମୀକ୍ଷା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ରୋଗୀଙ୍କୁ ଭ୍ରମିତ ନ କଲା ଭଳି ଖବର ଉପରେ ଧ୍ୟାନଦେବା ଦରକାର'

## ଆଇଆଇଏମ୍‌ସିରେ ସ୍ୱାସ୍ଥ୍ୟ ଯୋଗାଯୋଗ ସମ୍ପର୍କିତ କାର୍ଯ୍ୟକ୍ରମ

ଢେଙ୍କାନାଳ,୧୪।୧(ରତନ ନାୟାର)


ଡା. କର୍ନାଡଙ୍କୁ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ସ୍ୱାଗତ କରୁଛନ୍ତି।

ସ୍ୱାସ୍ଥ୍ୟ ସମ୍ପର୍କିତ ଖବର ପରିବେଷଣ ବେଳେ ଖବରଦାତାମାନେ ସଚେତନ ରହି ଠିକ୍ ତଥ୍ୟ ଉପସ୍ଥାପନ କରିବା ଉଚିତ। ଖବରଦାତାମାନେ ଲେଖୁଥିବା କୌଣସି ବାକ୍ୟ ବା ଶବ୍ଦ ଯେପରି ରୋଗୀଙ୍କୁ ଭ୍ରମରେ ନ ପକାଏ ସେଥିପ୍ରତି ଧ୍ୟାନ ଦେବା ଦରକାର ବୋଲି କହିଛନ୍ତି ସ୍ୱିଜରଲାଣ୍ଡରୁ ଆସିଥିବା ଶିଶୁ ଶଲ୍ୟ ଚିକିତ୍ସକ ଡା. କର୍ନାଡ ଇ. ମ୍ୟୁଲର। ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନରେ ସ୍ୱାସ୍ଥ୍ୟ ଯୋଗାଯୋଗ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଛନ୍ତି। ସେ ଆହୁରି କହିଛନ୍ତି, ଖବରଦାତାମାନେ ରୋଗୀଙ୍କ ଅଧିକାର ପାଇଁ ଲଢ଼ିଥାନ୍ତି। ଏଣୁ ଯେତେବେଳେ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟିଂ କରୁଛନ୍ତି ବା କୌଣସି ନିବନ୍ଧ ଲେଖୁଛନ୍ତି, ସେତେବେଳେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଲେଖାରେ କୌଣସି ପ୍ରକାର ଅସ୍ୱଷ୍ଟ କଥା ନ ଲେଖି ସ୍ୱଷ୍ଟ ଭାବେ ଲେଖିବା ଜରୁରୀ । ତା'ହେଲେ ରୋଗୀ ବା ସେମାନଙ୍କ ସମ୍ପର୍କୀୟମାନେ କୌଣସି ଭ୍ରମରେ ପଡ଼ିବେ ନାହିଁ। ଏଥିପାଇଁ ସାମ୍ବାଦିକତା ପଢୁଥିବା ଛାତ୍ରୀଛାତ୍ର ଏବଂ କାର୍ଯ୍ୟରତ ଖବରଦାତାମାନେ ମଧ୍ୟ ସ୍ୱାସ୍ଥ୍ୟ ଓ ବିଭିନ୍ନ ରୋଗ ସମ୍ପର୍କରେ ସର୍ବନିମ୍ନ ଜ୍ଞାନ ରଖିବା ଉଚିତ । ସାଧାରଣ ଲୋକ ବୁଝିବା ଭଳି ଶବ୍ଦ ପ୍ରୟୋଗ କରିବା ମଧ୍ୟ ଲୋଡ଼ା ବୋଲି ସେ ସଂସ୍ଥାନର ଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ତାଙ୍କ ବକ୍ତବ୍ୟରେ ଆହୁରି କହିଲେ, ଦୁର୍ଭାଗ୍ୟର କଥା, ବେଳେବେଳେ ସ୍ୱାସ୍ଥ୍ୟ ସମ୍ପର୍କିତ ମିଛ ଖବର ଦେଖିବାକୁ ମିଳୁଛି, ଯାହା ସବୁଠାରୁ ଅଧିକ ବିପଦ ଓ ସେଗୁଡିକର କୁପ୍ରଭାବ ସମାଜ ଉପରେ ପଡୁଛି । ଯଦି ସ୍ୱାସ୍ଥ୍ୟ ସମ୍ପର୍କିତ କିଛି ମିଛ ଖବର ଆସୁଛି, ସଙ୍ଗେ ସଙ୍ଗେ ଗଣମାଧ୍ୟମ ତାହାର ବିରୋଧ କରିବା ଦରକାର ଏବଂ ସେହି ଖବରକୁ ପ୍ରତିହତ କରିବା ପାଇଁ ବାସ୍ତବ ଖବର ପରିବେଷଣ କରିବା ଉଚିତ। ତା'ହାଲେ ବୃହତ୍ତର ଲୋକଙ୍କ ହିତସାଧନ ହୋଇପାରିବ। ସ୍ୱିଜରଲାଣ୍ଡର ଏକ ସଂସ୍ଥାର ସହଯୋଗରେ ଡ. କର୍ନାଡ ବର୍ତ୍ତମାନ ଗୋଦରିପଲୀ ଗ୍ରାମରେ ଏକ ଶିଶୁ ଚିକିତ୍ସା କେନ୍ଦ୍ର ଖୋଲି ସେଠାରେ ଶିଶୁମାନଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି । ୨୦୨୧ ଅଗଷ୍ଟରୁ ସେ ଏହି ଚିକିତ୍ସା କେନ୍ଦ୍ର ଖୋଲିଥିବା ବେଳେ ଏବେ ସୁଦ୍ଧା ସେ ଓ ତାଙ୍କର ଟିମ୍ ୧୧ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିସାରିଛନ୍ତି । ପ୍ରାରମ୍ଭରେ ଆଇଆଇଏମ୍‌ସିର ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ଡା. କର୍ନାଡଙ୍କୁ ସ୍ୱାଗତ କରିଥିଲେ । ସଂସ୍ଥାନର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ ଡା. କର୍ନାଡଙ୍କ ପରିଚୟ ପ୍ରଦାନ କରି ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟ ଯୋଗାଯୋଗ ଓ ରିପୋର୍ଟିଂ ସମ୍ପର୍କିତ କିଛି ପ୍ରଶ୍ନ ପଚାରିଥିଲେ। ଡା. କର୍ନାଡ ପ୍ରଶ୍ନଗୁଡିକର ଉତ୍ତର ଅତି ସ୍ୱଷ୍ଟ ଓ ସରଳ ଭାବେ ବୁଝାଇଥିଲେ ।

